The Odisha Gazette

EXTRAORDINARY

PUBLISHED BY AUTHORITY

No. 719 CUTTACK, MONDAY, APRIL 3, 2023/CHAITRA 13, 1945

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଘୋଷଣା

The 10th March 2023

No. 300—ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିନିୟମ,୨୦୧୩ (RFCTLAR & R Act, 2013) ର ଧାରା୧୯(୧) ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-**ବଡବାଲିପୋଷି**, ଥାନା-ପାଟଣା, ନଂ- ୨୧୧, ତହସିଲ-ସାହାରପଡା, ଜିଲ୍ଲା- କେନ୍ଦୁଝରରେ ନିମ୍ନସୂଚୀତ "କ" ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିନିୟମ, ୨୦୧୩ (RFCTLAR&R Act, 2013) ର ଧାରା୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା୨୭୬, ତା୧୦.୦୩.୨୦୨୨ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଛି ଯେ ମୌଜା **ବଡବାଲିପୋଷି**, ଥାନା- ପାଟଣା, ନଂ ୨୧୧ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲାଓ୍ୱେବସାଇଟ www.kendujhar.nic.inରେ ଏବଂ ରାଜ୍ୟ ସରକାରଙ୍କ ଓ୍ୱେବସାଇଟ http:/revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସତନ୍ତ୍ର ଭୂ-ଅର୍ଜନ ଓ ପୁନଃବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ଦେଖିବାକୁ ମିଳିପାରିବ ।

ତପସିଲ-"କ"

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- କେନ୍ଦୁଝର ତହସିଲ- ସାହାରପଡା

ଗ୍ରାମର ନାମ	ଗ୍ରାମାଂଚଳ	ଖାତା ନଂ	ପ୍ଲଟ ନଂ	କିସମ	ପ୍ଲଟର ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ଜମିର ରକବା	ରୟତ୍ ଙ୍କ ନାମ
୧	୨	୩	୪	୫	୬	୭	୮
ବଡବାଲିପୋଷି	ଗ୍ରାମାଂଚଳ	୪୮	୪୬୧	ବିଆଳି	୪.୧୩	୦.୩୫	ବନମାଳି ମହାନ୍ତ କ୍ଷେତ୍ରବାସୀ ମହାନ୍ତ ଶୁକଦେବ ମହାନ୍ତ ପି-ଘାସିରାମ ମହାନ୍ତ ଜା- କୁଡୁମୀ,ବା- ନିଜଗାଁ

ତପସିଲ-"ଖ"

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା- କେନ୍ଦୁଝର ତହସିଲ- ସାହାରପଡା

ଗ୍ରାମର ନାମ	ଗ୍ରାମାଂଚଳ	ଖାତା ନଂ	ପ୍ଲଟ ନଂ	କିସମ	ପ୍ଲଟର ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ଜମିର ରକବା	ରୟତ୍ ଙ୍କ ନାମ
ପ୍ରଯୁଜ୍ୟ ନୁହେଁ							

ଧାରା ୧୯ର ଉପଧାରା (୭) ଅଧିନରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ଅଧିସୂଚନା ନଂ-୨୭୬ ତା. ୧୦.୦୩.୨୦୨୨ରିଖ ଅନୁଯାୟୀ ଧାରା ୧୧(୧) ର ଘୋଷିତ ଅଧିସୁଚନାର ବୈଧ ତାରିଖ ୧୮-୦୩-୨୨

ରାଜ୍ୟପାଳଙ୍କ ଆଦେଶ କ୍ରମେ

ଆଶିଷ ଠାକରେ

ଜିଲ୍ଲାପାଳ, କେନ୍ଦୁଝର

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 4—173+9